**Publication:** Sanchara
**Date:** 30/08/2016
**Edition:** Bhubaneswar
**Page No:** 11
**Headline:** Sai International winners of TCS IT Wiz

# ‘ଟିସିଏସ୍ ଆଇଟି ୱିଜ୍ ୨୦୧୬’ ବିଜେତା ସାଇ ଇଣ୍ଟରନ୍ୟାସନାଲ ସ୍କୁଲ୍



ସଂଚାର ମିଡ଼ିଆ

ଭୁବନେଶ୍ୱର,୨୭।୮: ଟାଟା କନ୍‌ସଲ୍‌ଟାନ୍ସି ସର୍ଭିସେସ୍ ଦ୍ୱାରା ଆୟୋଜିତ ଭାରତର ସର୍ବବୃହତ ଆନ୍ତଃବିଦ୍ୟାଳୟ କ୍ୱିଜ୍, ଟିସିଏସ୍ ଆଇଟି ୱିଜ୍‌ର ଭୁବନେଶ୍ୱର ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି । ଜୟଦେବ ବିହାରସ୍ଥିତ ଜେ/୭, ପାଲ୍ ହାଇଟ୍‌ସରେ ଅଗଷ୍ଟ ୨୬, ରେଆୟୋଜିତ ଏହି ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟର ପ୍ରାୟ ୧୧୦୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଡିଫାଇ୍ଟ ଇଜ୍ ଡିଜିଟାଲ୍ ଚଳିତ ବର୍ଷ କ୍ୱିଜ୍‌ର ବିଷୟବସ୍ତୁ ଥିଲା। ଲିଖିତ ପ୍ରାଥମିକ ରାଉଣ୍ଡର ଟପ୍ ୬ଟି ଟିମ୍ ଆଞ୍ଚଳିକ ଫାଇନାଲ୍ ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ଆଞ୍ଚଳିକ ଫାଇନାଲ୍‌ରେ ୫ ରାଉଣ୍ଡ କ୍ୱିଜ୍ ଅନୁଷ୍ଠିତ ହେବା ପରେ ସାଇ ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ର ଅକ୍ଷତ ପ୍ରନୀତ୍ ଏବଂ ସମ୍ପ୍ରୀତି ପଣ୍ଡା ବିଜେତା ଘୋଷିତ ହୋଇଛନ୍ତି। ଚଳିତ ବର୍ଷର ଆଞ୍ଚଳିକ ଚାମ୍ପିଅନ୍ ବିଜେତା ଭାବେ ପ୍ରତ୍ୟେକ ଗୋଟିଏ ଲେଖାଏଁ ଆଇପ୍ୟାଡ୍ ଏୟାର ପାଇଥିବା ବେଳେ ଡିଏଭି, ୟୁନିଟ୍-୮ ସ୍କୁଲ୍‌ର ଶିବପ୍ରସାଦ ରେଡ୍ଡୀ ଏବଂ ସ୍ପନ୍ଦନ ଦାଶ ରନର୍ସ ଅପ୍ ଭାବେ ପ୍ରତ୍ୟେକ ଆଇପ୍ୟାଡ୍ ମିନି ସମେତ ଟ୍ରଫି ଓ ମେଡାଲ ପାଇଛନ୍ତି । ସମ୍ମାନିତ ଅତିଥି ଭାବେ ଆର୍ ଏନ୍ ପଲାଇ, ସ୍ୱତନ୍ତ୍ର ସଚିବ, ସୂଚନା ପ୍ରଯୁକ୍ତିବିଦ୍ୟା, ଓଡ଼ିଶା ସରକାର ଏବଂ ମନୋଜ ପଣ୍ଡା, ସେଣ୍ଟର ମୁଖ୍ୟ-ଟିସିଏସ୍ ଭୁବନେଶ୍ୱର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।